ଛୋଟ କଥାଟିଏ

(ପଥପ୍ରାନ୍ତ ନାଟକ)

ଡଃ ହେମନ୍ତ କୁମାର ଦାସ

ପ୍ରକାଶକ :
ଓ.ଏଚ୍.ଏଫ୍.ଡବ୍ଲ୍ୟୁ.ପି. ମ୍ୟାନେଜ୍‌ମେଣ୍ଟ ଅଫିସ୍,
ଭୁବନେଶ୍ୱର

Digitized by srujanika@gmail.com

ଛୋଟ କଥାଟିଏ

(ପଥପ୍ରାନ୍ତ ନାଟକ)

ଡଃ ହେମନ୍ତ କୁମାର ଦାସ

ପ୍ରକାଶକ :

ଓ. ଏଚ୍. ଏଫ୍. ଡବ୍ଲ୍ୟୁ. ପି. ମ୍ୟାନେଜ୍‌ମେଣ୍ଟ ଅଫିସ୍,

ଭୁବନେଶ୍ୱର

Digitized by srujanika@gmail.com

ଚରିତ୍ର ଲିପି

ଶିକ୍ଷକ - ବୟସ ୪୦/୪୫ ବର୍ଷ

ସରପଂଚ - ବୟସ ୩୫/୪୦ ବର୍ଷ

ସଦେଇ - ବୟସ ୫୦ ବର୍ଷ

ଦନେଇ - ବୟସ ୪୦/୪୫ ବର୍ଷ

ଛାତ୍ରଛାତ୍ରୀ - ୧୦/୧୫ ଜଣ ବୟସ - ୮/୧୦ ବର୍ଷ ଭିତରେ

ସ୍ତ୍ରୀ - ଉମିବୋଉ - ବୟସ ୩୫/୪୦ ବର୍ଷ

ଉର୍ମିଳା - ବୟସ ୮/୧୦ ବର୍ଷ

Digitized by srujanika@gmail.com

ପୂର୍ବରଙ୍ଗ

ସୂତ୍ରଧର :(ଗୀତ) କହିବି ଗୋଟିଏ କଥା ଜାମୁଡ଼ାଳି

କହିବି ଗୋଟିଏ କଥା-

ଛୋଟ କଥାସିନା କରିବା ବେଳକୁ

ଜାମୁଡ଼ାଳିରେ ଘୁରି ଯାଉଛି ମୋ ମଥା..

ଜାମୁଡ଼ାଳିରେ ....

କମଳ ପୁର ନାମରେ ଥିଲାଏକ ଗାଆଁ,

ଚାଷୀ ଭାଇ ସେ ଗାଆଁର ସଦେଇ ତା ନାଆଁ,

ମାମୁଁ ମାଇଁ ଦି' ପରାଣୀ ଝିଅ ଉରୁମିଳା,

ବାପମାଆଙ୍କର ସେ ଯେ ଆଖିର ପିତୁଳା ।

(ଦୁହା) କୋଳକୁ ସୁନ୍ଦର ଦିଶେ ସଦା ଥିଲେ,

ସନ୍ତାନ ଥିଲେ କିହେବ ପାଠ କିଛି ନ ପଢ଼ିଲେ ..

କିହେବ ସନ୍ତାନ ଥିଲେ ...

ଉରୁମିଳା ବାଳା ସେଯେ ଭାରି ବିଚକ୍ଷଣ,

ପାଠ ପଢ଼ାରେ ତା'ମନ ଥାଏ ଅନୁକ୍ଷଣ ।

ଗୁରୁଜନଙ୍କର କଥା ନ ପକାଏ ତଳେ,

ଗୀତ ପଦକରୁ ତାର ସତେ ମହୁ ଝରେ ।

Digitized by srujanika@gmail.com

ଦିନକର କଥା ଏବେ କହୁଚି ବିସ୍ତାରି,

କହିଲା ବେଳକୁ ମୋର ମଥା ଯାଏଘୁରି...

ଟରଟନଟେ ପାଇଥିଲା ସଦେଇ ବେହେରା,

ନିଜ ଦୋଷୁ ହରାଇଲା, କାହାର କି ଗଲା ?

ଶୁଣ ଏବେ ସେଇ କଥା ଜାମୁଡ଼ାକି,

କରିବି ମୁଁ ସେଇ କଥା,

ଲୁହ ନ କାନ୍ଦି ସେ ରକତ କାନ୍ଦନ୍ତି,

ହାୟ ହାୟରେ,

ଉରମିଳା ପିତାମାତା ଜାମୁଡ଼ାକିରେ ।

(ଦୃଶ୍ୟ ଆରମ୍ଭରେ ଦେଖାଗଲା ଗୋଟିଏ ପୁରସ୍କାର ବିତରଣ ସଭା ଶେଷ ହୋଇଛି । ସରପଂଚ, ଶିକ୍ଷକ, ଅନ୍ୟ ଦୁଇ ଚାରିଜଣ ଭଦ୍ରଲୋକ ଏବଂ ଗୋଟିଏ ୮/୧୦ ବର୍ଷ ବୟସରେ ଝିଅ ମଂଚରେ ଅଛନ୍ତି । ଝିଅଟି ଉର୍ମିଳା - ଗ୍ରାମୀଣ ଚାଷୀ ବାସୁଦାସର ଏକମାତ୍ର ସନ୍ତାନ । ତା' ହାତରେ ବେଶ୍ କିଛି ପୁରସ୍କାର)

ସରପଂଚ ॥ ପିଲା ଯେ କହିବ ଆ'କୁ । ପାଠରେ, ଗୀତରେ ଖେଳରେ ସବୁଠୁଁ ସରସ । ଏଡ଼େ ଟିକିଏ ମୁଣ୍ଡ, କେତେ ବୁଦ୍ଧି ପୂରେଇଚି !

୧ମ ଭଦ୍ରଲୋକ॥ ବୁଦ୍ଧି ବୋଲି ବୁଦ୍ଧି! ସାହିତ୍ୟରେ ଫାଷ୍ଟ, ଉର୍ମିଳା ଦାସ, ଗଣିତରେ ଫାଷ୍ଟ, ଉର୍ମିଳା ଦାସ, ସାମାଜିକରେ ଫାଷ୍ଟ, ଉର୍ମିଳା ଦାସ ।

Digitized by srujanika@gmail.com

୨ୟ ଭଦ୍ରଲୋକ ।। କହି ତ ଦବ - ଏକାଥରରେ ଫାଷ୍ଟ । ପ୍ରାଇଜ୍ ଆଣିବା ବେଳକୁ ଦେଖିଲ ନାଇଁ । ଥରେ ଆଣି ବସିଚି କି ନାହିଁ ପୁଣି ନାଁ ଡକା ହେଲା - ପୁଣି ଦୌଡ଼ିଲା - ଆହା - ବିଚରା ।

୩ୟ ଭଦ୍ରଲୋକ ।। ଧନ୍ୟ କହିବ ତା' ବାପା ମାଙ୍କୁ । ପିଲା ତ କେତେ ପଢୁଛନ୍ତି - ହେଲେ ଆ' ଭଳି ଆଉ କେତେଟା ପିଲା ଅଛନ୍ତି ? ମୁଲକରେ ଏକାବେଳକେ ଡିବିଡିବି ବଜାଇ ଦେଲା ...

୧ମ ଭଦ୍ରଲୋକ ।। ମାଷ୍ଟରଙ୍କ କଥା ଭୁଲିଯାଉଚ ଯେ, ତାଙ୍କରି ହାତରୁ ଛେଚାପିଟା ଖାଇ ସିନା ପିଲାଟି ଆଜି ଏତେ ଭଲ କରିଚି ...

ଶିକ୍ଷକ ।। ନା - ନା ପିଲାତ ଏତେ ଆସୁଛନ୍ତି - ସମସ୍ତଙ୍କୁ କ'ଣ ପାଠ ବତାଯାଉ ନାହିଁ ? ଊର୍ମି ଭଳି ସମସ୍ତେ ହଉ ନାହାନ୍ତି କାହିଁକି ?

ସରପଂଚ ।। ଯାହା କହିଲ ପୂର୍ଣ୍ଣବାବୁ । ଗଧ ସାଙ୍ଗରେ ଘୋଡ଼ା ସରିହେବ କୁଆଡୁ ? ମୁଣ୍ଡରେ ଯାହା କରନ୍ତି 'ଇଲମ୍' ଥିଲେ ହବନା ...

ଶିକ୍ଷକ ।। 'ଉତ୍ତମ ଚରିତ୍ର' ପାଇଁ ପୁରସ୍କାର ତ ଆପଣ ତାକୁ ଦେଇଛନ୍ତି । ଆପଣ ଏକେବାରେ ଠିକ୍ ବାଛିଛନ୍ତି...

ସରପଂଚ ।। (ମୁଣ୍ଡ ନୁଆଁଇ ଠିଆ ହୋଇଥିବା ଊର୍ମି ଆଡ଼କୁ ଅନାଇ) ମା, ଏଥର କଲାରସିପ୍ ପାଇବୁଟି ?

ଊର୍ମିଳା ।। ସାର୍ ଜାଣନ୍ତି...

ଶିକ୍ଷକ ।। ଆମେ ତ ଚେଷ୍ଟା କରିବା । ଊର୍ମି ଯେମିତି ଲାଗିଚି, ବୃତ୍ତି ପାଇବାଟା

Digitized by srujanika@gmail.com

ତା'ପାଇଁ ଖୁବ୍ କଷ୍ଟ ହେବ ନାହିଁ ।

ସରପଂଚ ।। ହଉ, ହଉ । କଲାରସିପ୍‌ଟା ମିଳିଗଲେ, ଆମ ଅଞ୍ଚଳର ମାନ ବଢ଼ିବ ।

ଶିକ୍ଷକ ।। ଗୀତଟିଏ ଶୁଣିବେ ପରା ?

ସରପଂଚ ।। ବୋଲିଲୁ, ବୋଲିଲୁ ମା...

ଶିକ୍ଷକ ।। ଲାଜ କ'ଣ, ବୋଲୁନୁ । ସରପଂଚ ବାବୁ ଆମ ନିଜ ଲୋକ ।

ଉର୍ମିଳା ।। (ଗଳା ସଫାକରି ବୋଲିଲା)

ଆହେ ଦୟାମୟ ବିଶ୍ୱ ବିହାରୀ,
ଘେନ ଦୟା ବହି ମୋର ଗୁହାରି,
ଜଳ ସ୍ଥଳ ବନଗିରି ଆକାଶ,
ତୁମ ଲୀଳା ସବୁଠାରେ ପ୍ରକାଶ,
ଦୁଃଖୀ ଅରକ୍ଷିତ ସେବା କାରଣେ,
ବଳଦିଅ ମୋର କର ଚରଣେ ।
କୁଟ କପଟ ସ୍ୱଭାବ ଯାହାର,
ତାକୁ ଦୂରୁ ମୁଁ କରଇ ଜୁହାର ।
ମୋତେ ନ ମିଶାଅ ତାଙ୍କ ସାଥିରେ,
ମନ ରଖ ସାଧୁ ଜନ କତିରେ ।
ସତ କହିବାକୁ କିଆଁ ଡରିବି,
ସତ କହି ପଛେ ମଲେ ମରିବି ।

Digitized by srujanika@gmail.com

ମୋତେ ଏତିକି ଶିଖାଅ ସାଇଁହେ,

ମୋର ଧନ ଜନ ଲୋଡ଼ା ନାହିଁ ହେ ।

(ସମସ୍ତେ ଚୁପ୍ ହୋଇ ଶୁଣୁଥିଲେ । ଗୀତ ସରିଲା)

ସରପଂଚ ।। ଆହା ହା, ବାଳୁତ କଣ୍ଠରେ- ଗୀତ ତ ନୁହେଁ । ସତେ ଯେମିତି ଅମୃତ-ଝରୁଚି, ଭଗବାନ୍ ତତେ ଆଇଷ ଦିଅନ୍ତୁ ମା, ଗଲୁ, ବାପାକୁ ଟିକେ ଡାକିଦବୁ, କେତେବେଳୁ ଡାକିଲିଣି-

(ଉର୍ମିଳା ଓ ଅନ୍ୟ ଭଦ୍ରଲୋକମାନେ ଚାଲିଗଲେ)

(ପ୍ରବେଶ କଲା ସଦେଇ, ତା'ସାଙ୍ଗରେ ଆଉଜଣେ ଗ୍ରାମବାସୀ ଦନେଇ)

ଶିକ୍ଷକ ।। ତୋର ବହୁତ ଆଇଷରେ ସଦେଇ । ସରପଂଚ ବାବୁ ତ ତତେ ଅନେଇ ଅନେଇ ଚାଲିଯାଉଥିଲେ...

ସଦେଇ ।। ମୁଁ ପରା କୁସୁମୀ ଢୋରଠି ପାଣି ମଡ଼ୋଉଥେଲି । ଆଜୁ ଦି' ଗୁଣ୍ଡ କରିଚି ଯେ, ପାଣି ଟୋପାକ ପେଇଁ ଯୋଉ ହନ୍ତସନ୍ତ - ଦି' ଜଣ ନ ହେଲେ ନ ହୁଏ । ଦନେଇକି ସାଙ୍ଗ କରି ମୁହଁ ଅନ୍ଧାରରୁ ଯାଇଚି ଯେ..

ଦନେଇ ।। ଜାଇଁଲ ସରପଞ୍ଚେ, କାଳି ଜହ୍ନିଆଟା ଧରିଥାଏ । ମୋ ନିଦ ତ ଭାଙ୍ଗିଗଲା - ମୋ ମନେ ମନେ ଫର୍ଚା ହୋଇଗଲାଣି, ବାହାରି ତ ପଡ଼ିଲି, ସେ ଯୋଉ ଫାଶୀଦିଆବର... ତାରି ତଳେ ତ,, ଯାହା ଦେଖିଲି ନା.. ଆଲୋ ମୋ ବୋଉଲେ.. ।

(ଭୟରେ ଆଖି ବୁଜି ହୋଇଗଲା)

ସଦେଇ ।। ଯାବତ ଆଗ ଚଳାଟା ତୁ । କହୁଚି-ରାମ ପଇଡ଼ା ଘର ଧୋବଲା

Digitized by srujanika@gmail.com

ବାଛୁରୀଟା ଖୁଆଡ଼ରୁ ଫେରି ଡିଆଁ ମାରୁଥେଲା ବୋଲି-ତେବେ ବି ତୁ ପରତେ ଯାଉନୁ..

ଦନେଇ ॥ ଆରେ ଯା- ଆମ.. ବାଛୁରୀ ଏ ଗାଁରେ କୋଉକାଳେ ନଥେଲେ ? ତୁ ଯାହାକହ ପଛେ, ଇଏ ସେଇ ବରହ୍ମରାକ୍ଷସ.. କୋଉ କାଳର କଥା ହେଲାଣି - କେଡ଼େ କେଡ଼େ ଗୁଣିଆ ନାଗିଲେ । ତେବେ ବି ସିଏ କୋଉ ଥାନ ଛାଡ଼ିଲା ?

ଶିକ୍ଷକ ॥ ତମେ ଭୁଲ୍ ବୁଝିଚ ଦନେଇ । ସଦେଇ ଯାହା କହୁଚି ତା' ଠିକ୍ । କାଲି ସଂଜପହରୁ ରାମର ବାଛୁରୀଟା କେମିତି ବାହାରି ଯାଇଥିଲା । ରାମ ତାକୁ ଖୋଜୁଥିବାର ମୁଁ ଦେଖିଚି.. ସେଇ ହେଇଥିବ ।

ଦନେଇ ॥ ତେମେ ଆପଣ ଯେତେ କହିଲେ, ମୋ ଆତମା ତ ବୁଝୁ ନାଇଁ..

ସରପଂଚ ॥ ନିଜେ ନ ବୁଝିଲେ, ତମକୁ କିଏ ବୁଝେଇବ ? ଆମେ ବି ତ ଏଇ ଗାଁ ଭୂଇଁର ଲୋକ । ଭୂତ ପ୍ରେତ ତ କେବେ ଦେଖି ନାହୁଁ । ସତ କହିଲ- ତମେ ନିଜ ଆଖିରେ କେବେ ଭୂତ ଦେଖିଚ ?

ଦନେଇ ॥ ଆଜ୍ଞା, ମୁଁ ତ..

ସଦେଇ ॥ ଛାଡ଼ନ୍ତୁ ମ.. ସେଇଟା ତ ସାହାସିଆ ମୋ ଉମର ଆସି ଦି'କୋଡ଼ି ଦଶ ଧରିଲାଣି - ରାତି ବିରାତି ବିଲବାଡ଼ି ଧନ୍ଦାରେ ବିଲ ପାହାଡ଼ରେ ବୁଲୁଚି- କେବେ କାହିଁ କିଛି ଆଖିରେ ପଡ଼ିନାଇଁ - ଧାରିବର ପାଖରୁ ରାମ ପଇଡ଼ା ବାଛୁରୀ ବେକରେ ପଘା ପକେଇ ଟାକୁ ନଉଥେଲା - ମୁଁ ନିଜେ ଦେଖିଚି.. ଆକୁ ଖାଲି ବରହ୍ମରାକ୍ଷସ ଭେଟଣା ହେଇଯାଉଥେଲା..

Digitized by srujanika@gmail.com

ସରପଂଚ ।।ଏସବୁ ତମ ମନର ଭୁଲ । ବୁଝିଲ ଦନେଇ । ମଲା ଦିହଟାକୁ ତ ଆମେ ପୋଡ଼ି ଦେଇ ଆସିଲେ । ତା'ର ଆଉ ରହିଲା କ'ଣ ଯେ, ସିଏ ପୁଣି ଦିହ ଧରି ଆମକୁ ଡରେଇବ ?

ଦନେଇ ।। ପିଲାଦିନରୁ ଆମେ ଶୁଣି ଆସୁଚୁ । ଶାହାସ୍ତ୍ର ପୁରାଣରେ ପରା ଲେଖା ହେଇଚି..

ସରପଂଚ ।। ସେ ସବୁ ଲୋକଙ୍କୁ ଭୁଲେଇବା - ପାଇଁ । ଛାଡ଼ - ମନଟାଣ କର - ଭୂତପ୍ରେତ - କେବେ ବି ତମ ପାଖ ମାଡ଼ିବେ ନାଇଁ ।

ସରପଂଚ ।। ମୋଟେ ଦି'ପଦ କଥା । (ରହି) ବୁଝିଲ ସଦେଇ, ଆଜି ଏଇଠି ତମ ଝିଅକୁ ଦେଖିଲି । ତା' ଗୀତ ବି ଶୁଣିଲି । ଆହା - ହା ଆତ୍ମା ଶାନ୍ତି ହେଇଗଲା ।..

ସଦେଇ ।। ସବୁ ତମ ଆପଣଙ୍କ କଇଲାଣରୁ ବାବୁ । ନ ହେଲେ ମୁଁ ଛାର ମୂଳିଆ ମୁଣ୍ଡ । ମୋ ଘରେ ତା' ଭଳି ଝିଅ - ଖତଗଦାରେ ପଦୁଅ ଫୁଟିଚି ସିନା....

ସରପଂଚ ।। ରତ୍ନଟିଏ, ବୁଝିଲ ସଦେଇ, ପାଠ ବି ଯେମିତି ପଢୁଚି, ସଙ୍ଗୀତ ବି ସେମିତି ଶିଖିଚି । ତା'ପଢ଼ା ତମେ ବନ୍ଦ କରିବ ନାଇଁ..

ସଦେଇ ।। ମୂଲିଆ ମୂରୁଖ ଘରେ ପାଠ ! ତମ ଆପଣଙ୍କ କଇଲାଣରୁ ବଂଚି ବର୍ତ୍ତି ରହିଗଲେ, କେମିତି ପରଘରୀ କରିଦେଲେ ମୁଁ ନିଶ୍ଚିଂତ । ଯେତେହେଲେ ଝୁଅଟାଏ ତ..

ସରପଂଚ ।। ଆଉ ସେ କାଳ ନାହିଁ ବେହରେଏ । ଏ କାଳକୁ ଝିଅପୁଅ ସବୁ

Digitized by srujanika@gmail.com

ସମାନ । ଝିଅମାନେ ପରା ଦେଶ ଚଳେଇଲେଣି । ଆଉ ତେମେ ଧରି ବସିଚ ସେଇ ମାନ୍ଧାତା ଅମଳର କଥାକୁ !

ଦନେଇ ।। ତେମେ ଆପଣ କ'ଣ ଆମ ଏ ଗାଁ ଭୂଇଁର ନୋକ ନୁହଁ କି ? ଯାହାକୁ ଦଇବ ଯାହା କରିଚି ନା- କାହିଁ ରାଣୀ ନା କାହିଁ ଚନ୍ଦର କାଣୀ ! ପୁଅ ସାଙ୍ଗରେ ଝିଅ କୋଉଠି ସମାନ ହେଲେଣି ଭଲା ? ଶାହାସ୍ତ୍ର ପୁରାଣ..

ଶିକ୍ଷକ ।। ହାଁ - ହାଁ ଦନେଇ - ଶାସ୍ତ୍ରପୁରାଣକୁ ଆଉ ଆ' ଭିତରକୁ ଟାଣ ନାହିଁ । ଭୀମ ଭୋଇଙ୍କ ଭଜନ ପରା ଏତେ ବୋଲୁଚ ? ସେଇ କବି କ'ଣ ଲେଖିଛନ୍ତି ଜାଣିଚ ? ବୋଇଲା (ସୁର ଧରି)

''ଗୁରୁ ଦୁଆରକୁ ସର୍ବେ ଅଟନ୍ତି ସମାନ,
ତିରୀ ବା ପୁରୁଷ ତହିଁ ନାହିଁ ବଡ଼ସାନ ।''

କଥାଟାକୁ ଟିକିଏ ଭଲ କରି ହେଜ । ପରତାଳକର ଆପେ ଆପେ ସବୁ ବୁଝି ପାରିବ ।

ସରପଂଚ ।। ଏ ସବୁ ଦିନକର କଥା ନୁହେଁ ମାଷ୍ଟ୍ରେ । ଲୋକଙ୍କୁ ଥରକୁଥର ନ ବୁଝାଇଲେ, ତାଙ୍କ ଧାରଣା ବଦଳିବ ନାହିଁ- ଛାଡ଼, ସଦେଇ, ତମକୁ ଯୋଉ କଥା ପେଇଁ ଡାକିଚି ଶୁଣ..

ସଦେଇ ।। ବୋଲନ୍ତୁ...

ସରପଂଚ ।। ଉମିର ପାଠ ବନ୍ଦ କରିବ ନାଇଁ । କିଏ ଜାଣେ, ଆଗକୁ ତାରି ଭିତରୁ ଆଉ ଜଣେ ଇନ୍ଦିରା ଗାନ୍ଧୀ କି ସରୋଜିନୀ ନାଇଡୁ ନ ବାହାରିବେ ବୋଲି ?

Digitized by srujanika@gmail.com

ସଦେଇ ।। ତେମେ ଆପଣ କହୁଚ ଯେତେବେଳେ ...

ସରପଂଚ ।। ବାସ୍, ଏଇ କଥା ରହିଲା- ସୁବିଧା ଅସୁବିଧାକୁ ମୁଁ ଅଛି‌‌‌‍‍ ଆଉ, (ଟଙ୍କା ବାହାର କରି) ଏଇ ଧର ଟଙ୍କା । ଗଲାବେଳେ ବଜାରରୁ କିଛି ମିଠା କିଣି ନେବ । ଝୁଅଟାକୁ କିଛି ଦେଇପାରିନାହିଁ..

ସଦେଇ ।। (ସଂକୁଚିତ ହୋଇ)... ଟଙ୍କା ? ନା..

ସରପଂଚ ।। ତମ ଝୁଅ କ'ଣ ମୋ ଝୁଅ ନୁହଁ ସଦେଇ ! (ନରମ କଣ୍ଠରେ) ପିଲାଟା ଆଜି ମୋ ଆତ୍ମାକୁ ଶାନ୍ତି କରି ଦେଇଚି.. ମନା କରନା .....ଧର..

ଶିକ୍ଷକ ।। ଧର ସଦେଇ, ତମେ ମାନୀ ମଣିଷ । ତେବେ ସ୍ନେହରେ ଯାହା ଦିଆଯାଏ, ତାକୁ ମନା କରନ୍ତି ନାଇଁ । ମିଠା କିଣି ନେବ ।

ସରପଂଚ ।। ହଁ, ତାକୁ ମୋ ପାଇଁ ନିଜ ହାତରେ ଖୁଆଇ ଦେବ । ମୁଁ ତେବେ ଏଥର ଉଠେ, ମାଷ୍ଟ୍ରେ..

ଶିକ୍ଷକ ।। ଯିବେ ? ହଉ..

ସଦେଇ ।। ଭଗବାନ୍ ଆପଣଙ୍କର ଉନ୍ନତିରୁ ଉନ୍ନତି କରନ୍ତୁ ବାବୁ । ଗରିବ ଦୁଃଖୀଙ୍କ ଆଡ଼େ ଏମିତି ଅମୃତ ନେତ୍ରରେ ଯୁଗ ଯୁଗ ଧରି ଚାହିଁଥା... ...ଅବଧାନ...

ଦନେଇ ।। ଅବଧାନ ବାବୁ..

ସରପଂଚ ।।। ଅବଧାନ, ଅବଧାନ (ବାହାରେ)

Digitized by srujanika@gmail.com

(ଦୃଶ୍ୟ ବଦଳିଲା - ଦେଖାଗଲା ଉମିବୋଉ ଗୋଟିଏ ମାଠିଆରେ ପାଣି ନେଇ ଆସୁଚି । ମାଠିଆକୁ ବାରଣ୍ଡାରେ ରଖିଦେଇ ସେ ଡାକିଲା)

ଉମିବୋଉ ।। ଉମି ଲୋ- ମା ଉମି-

ଉମି ।। (ଦୂରରୁ) ଯାଉଚି ବୋଉ..

ଉ :ବୋଉ ।। ନେ, ଶୋଷ ଶୋଷ ହଉଥେଲୁ । ଘରେ ତ ଟିକା ଘିନି ବାବୁ ଟୋପାଏ ପାଣି ନଥେଲା । ନେ, ପିଇଦେଲୁ । (ମାଠିଆରୁ ପାଣି ଗଡ଼େଇ ଉମିହାତକୁ ବଢ଼ାଇଲା)

ଉମି ।। (ଗ୍ଲାସ ଦେଖାଇ) ବୋଉ, ଦେଖିଲୁଣି । ଏ ପାଣିରେ କେତେ ମଇଳା ଭାସୁଚି !

ଉ: ବୋଉ ।। ଦେ ପିଇଦେବା - କାଳକ ଗଲା - ସେଇ ପାଣି ପିଇ । ଆଉ ଅଇନେ ଆ'କୁ ମଇଳା ଦୁଶୁଚି ।

ଉମି ।। ନାଇଁ ବୋଉ, ସାର୍ ପରା କହୁଥିଲେ -

'ପାଣି ପିଇବ ଛାଣି, ପଇସା ନବ ଗଣି ।'

ଉ: ବୋଉ ।। ଆଲୋ ଇଏ କି କଥା କହୁଚି । ଅଇନେ ମୋର ରାଇଜଯାକର ପାଇଟି ପଡ଼ିଚି । ମୁଁ ପାଣି ଛାଣିବି କେମିତି ?

ଉମି ।। ଖାଲି ଛାଣି ଦେଲେ କ'ଣ ହେଇଯିବ ? ଆ'କୁ ଆଗ ଫୁଟେଇବ, ତା'ପରେ ଥଣ୍ଡା କରି ଛାଣିଲେ ଯାଇ ପିଇବ ।

Digitized by srujanika@gmail.com

ଉ: ବୋଉ ।। (ଘରର ଦୁଇ ଚାରିଟା କାମ କରୁ କରୁ ହସି) ତୋର ପିଲା ଛୁଆ ହୁଅନ୍ତୁ ଯେ, ତାଙ୍କୁ ଏତେ ସିଧି କରି ପାଣି ପିଆଇବୁ..

ଉମି ।। ମଇଳା ପାଣି ପିଇଲେ ତ ନାଇଁ ବୋଲି ଦିହ ଖରାପ ହବ । ତୁ ନ ହେଲେ ଆକୁ ଫୁଟେଇ ଦେ ।

ଉ: ବୋଉ ।। ଦେ ଉଠୁବା । ଜାଳ ମିଳୁ ନାଇଁ ବୋଲି ତ ଭାତ ଦୁ'ଟା ଫୁଟେଇବା ଦୁର୍ଘଟ ହେଲାଣି । ପାଣି ଫୁଟେଇବାକୁ କାଠ ଆଣିବି କୋଉଠୁ ?

ଉମି ।। ପିଇବି ତେବେ କହୁଚୁ ?

ଉ:ବୋଉ ।। ମୋ ମା'ଟା ପରା- ଆଜିକ ପିଇଦେଇଥା - କାଲିକି ତୁ ଯେମିତି କହୁଚୁ ସେମିତି କରିଦେବି । ବାପାଙ୍କର ହାଟରୁ ଆସିବା ବେଳ ହେଲାଣି । ରେଷେଇ କୁଆଡୁ କିଛି ହୋଇ ନାଇଁ - ମୁଁ ଯାଏ (ଉମି ପାଣି ପିଇବାକୁ ଆରମ୍ଭ କଲା ଏବଂ ଉ: ବୋଉ ଚାଲିଗଲେ)

(ପ୍ରବେଶ କଲେ ଦାସ କାଠିଆ ଗାୟକ ଏବଂ ବାୟକ)

ଗାୟକ ।। ଏହାପରେ ଯାହାହେଲା ଶୁଣ ସଭାଜନେ,
'ଜଳ ହିଁ ଜୀବନ' ଏହା କିଏ ବା ନ ଜାଣେ ।
ସେଇ ଜଳ ହୁଏ ପୁଣି ରୋଗର ଯେ ଘର,
ଅସନା, ମଇଳା ଯେବେ ମିଶଇ ସେଥିର ।
ଉମିବୋଉ ଆଣିଥିଲା ପୋଖରୀରୁ ପାଣି,
ପାଣି ନୁହେଁ ବିଷ ସିଏ ନଥିଲା ତ ଜାଣି ।

Digitized by srujanika@gmail.com

ପୋଖରୀରେ ଗାଧୁଅଛି ଗାଈ ଯେ ମଇଁଷି,

ପାରନ୍ତି ସେ ପାଣି ଲୋକେ ପଦା ଆଡ଼େ ବସି ।

ବାୟକ ।। ହରି ରାମ ଯେ, ହରି ରାମ ଯେ,

ନବୀନ ସୁନ୍ଦର ଘନଶ୍ୟାମ ଯେ,

ଗାୟକ ।। ଆରେ, ନଜାଣି ସେ ପାଣି ଯେଣୁ ଉମି ଦେଲା ପିଇ,

ପାଣି ଦେଖାଇଲା କାମ ଭୂଇଁରେ ଗଡ଼ଇ

ବାୟକ ।। ଆହା, ଦୁଇ ମୁହଁ ଛୁଟେ ତାର, ଚେତା ଯାଏ ବୁଡ଼ି

କାନ୍ଦନ୍ତି ତା' ବାପ ମାଆ ହୋଇ ମୁଣ୍ଡ କୋଡ଼ି

ବାୟକ ।। କହଇ ସଦେଇ ଶୁଣ ଆଲୋ ଉମି ବୋଉ,

ଯାଉ ଏ ଜୀବନ ପଛେ ପିଲା ମୋର ଥାଉ ।

ବାୟକ ।। ଆମକୁ ରକ୍ଷା କରିବେ ମାଆ ଯେ ମଙ୍ଗଳା,

ଉଦ୍ଧାର କରନ୍ତି ସେହୁ ବୁଡ଼ିବାର ଭେଳା ।

ହରିରାମ ଯେ, ଜଳଦ ବରଣ ଘନଶ୍ୟାମ ଯେ..

(ଦୃଶ୍ୟ ବଦଳିଲା । ଉମିର ମୃତ୍ୟୁ ଶଯ୍ୟା ନିକଟକୁ । ଦୃଶ୍ୟରେ ସଦେଇ, ତା' ସ୍ତ୍ରୀ ଉମିବୋଉ, ଶିକ୍ଷକ ଆଉ ଦଳେଇ ଆଦି)

ଶିକ୍ଷକ ।। (ଡାକି ଡାକି ଆସିଲେ) ସଦେଇ, ସଦେଇ ... ଉମି କେମିତି ଅଛି ? କଣ ହେଇଚି ତାର ?

Digitized by srujanika@gmail.com

ଉମିବୋଉ ॥ (ବିକଳରେ) ଉମିଲୋ, ମା ଉମି, ମୋ ଧନ, ମୋ ସୁନା-
ଅନେଇଲୁ, କିଏ ଆସିଛନ୍ତି ଦେଖ୍ ଆଖି ଫିଟେଇ ଅନା ମୋରାଣୀ...

ସଦେଇ ॥ ଉମିଲୋ - ମା ଉମି, ହେଇ ଅନା ତୋ' ପେଇଁ ଠାକୁରାଣୀଙ୍କ ପାଦୁକଆଣିଚି - ଟିକିଏ ଢୋକିଦେଲେ, ମୋ ମା ଏଇନେ ଝାଡ଼ି ଝୁଡ଼ି ହେଇ ଉଠି ବସିବ - ନେଲୁ ମା - ଟିକିଏ ଆଁ କଲୁ..

ଶିକ୍ଷକ ॥ ଇଏ ତମେ କ'ଣ କରୁଚ ବେହେରାଏ ? ଇଏ ତ ଦେଖୁଚି ଭୟଙ୍କର ଡାଇରିଆ - ଔଷଦ ନ ଦେଇ..

ଦନେଇ ॥ ତେମେ ରହିଥା ମାଷ୍ଟ୍ରେ । ବୁଢ଼ୀଠାକୁରାଣୀ କୋପ କରିଛନ୍ତି । ଠାକୁରାଣୀ ମାଡ଼ଣା ବଢ଼ି ସାଇଲାଣି । ତାଙ୍କରି କଇଲାଣରୁ ଝୁଅର ଅଗ ଗୋଡ଼ରେ କଣ୍ଟା ବାଜିବ ନାଇଁ- ଦେ ସଦେଇ ଭାଇ, ଝୁଅ ପାଟିରେ ପାଦୁକ ଟୋପାକ..

ଶିକ୍ଷକ ॥ ବେହେରାଏ, ମୋ ସାନକୁହା ମାନ । ମତେ ଚିନିଟିକିଏ, ପାଣି ଗ୍ଲାସେ ଆଉ ଲୁଣ ଟିକିଏ ଦିଅ - ମୁଁ ଉମିକୁ ଔଷଦ ତିଆରି କରି ଦଉଚି..

ଉମିବୋଉ ॥ମାଲୋ ଅନେଇଲୁ ଟିକିଏ । ମାଷ୍ଟ୍ରେ ଭାବୁଛନ୍ତି ପରା - ପଢ଼ିବାକୁ ଯିବୁ ନାଇଁ ?

ଉମି ॥ (ଆଖି ଖୋଲି କ୍ଳାନ୍ତ ସ୍ୱରରେ) ସାର୍ -

ଶିକ୍ଷକ ॥ ହଁ ରେ ମା..

ଦନେଇ ॥ ଦେଖିଲୁ ସଦେଇ ଭାଇ, ଝୁଅ ଆଖି ଫିଟେଇଲାଣି । ସବୁ ଠାକୁରାଣୀଙ୍କ ମହିମା ପାଦୁକ ଟୋପାକ ତା'ପାଟିରେ ଦେ..

Digitized by srujanika@gmail.com

ସଦେଇ ।। ଦେଖି ମା, ଆଁ କଲୁ..

ଶିକ୍ଷକ ।। ରହ ସଦେଇ, ମତେ ଲୁଣ ଆଉ ଚିନିଦିଅ, ଝିଅର ତଣ୍ଟି ଶୁଖିଯାଉଚି- ତା' ଦେହରୁ ବହୁତ ପାଣି ବାହାରି ଯାଇଚି - ଜଲ୍‌ଦି ତାକୁ ପାଣି ପିଆଇବାକୁ ହେବ - ନ ହେଲେ ଅନର୍ଥ ଘଟିଯିବ ।

ଦନେଇ ।। (ତାଚ୍ଛଲ୍ୟରେ) ଯାଉନ - ରଖେ ହରି ମାରେ କିଏ । ଖୋଦ୍ ଠାକୁରାଣୀଙ୍କ ପାଦୁକ ଯୋଉଠି ହାଜର୍ ଅଛି, ସେଠି ଇଏ ପାଣି ପେଇବେ - ପାଣି ହିଃ.. ହିଃ.. ହିଃ..

ଶିକ୍ଷକ ।। ବନ୍ଦ କର, ବନ୍ଦ କର କହୁଚି.... ହଁ ସଦେଇ, ମତେ ଲୁଣ ଚିନି ଦିଅ..

ଉମି ।। ସାର୍..., ମୁଁ ଗୀତ ଶିଖିଚି । ବୋଉ, ମତେ ଜମା ଗାଳି ଦବୁ ନାଇଁ..

ବୋଉ ।। ନାଇଁ ମୋ ଧନ, ମୋ ମାଣିକ ତୁ ପାଠ ପଢ଼ିବୁ, ଗୀତ ବୋଲିବୁ .. ତତେ କିଛି କହିବି ନାଇଁ.. (କାନ୍ଦିଲେ).

ଉମି ।। ବୋଉ, ତୁ କାନ୍ଦୁଚୁ ? ମୁଁ କ'ଣ ଭଲ ହେଇ ଯିବି ନାଇଁ ? ସାର୍ ମୁଁ ଭଲ ହୋଇଯିବି ନାଇଁ ?

ଶିକ୍ଷକ ।। ନିଶ୍ଚେ ଭଲ ହୋଇଯିବୁ ମା.. ସଦେଇ..

ଉମି ।। ବୋଉ ତୁ ଜମା କାନ୍ଦିବୁ ନାଇଁ.. ମୁଁ ଗୀତ ବୋଲିବାକୁ ଯାଉଚି ପୁଣି ଆସିବି ଯେ...

ଉ: ବୋଉ ।। ମତେ ଛାଡ଼ି ତୁ କୁଆଡ଼େ ଯିବୁ ଧନ ? ମୋ ପାଖରେ ନ ଶୋଇଲେ ପରା ତତେ ନିଦ ହୁଏ ନାଇଁ ? ତତେ ଛାଡ଼ି ମୁଁ କେମିତି ରହିବି ?

Digitized by srujanika@gmail.com

ଉମି ।। ମୋତେ ତୁମ କୋଳେ ଦିଅ ଠାଇଁ ହେ,

ମୋର ଆଉ କିଛି ଲୋଡ଼ା ନାହିଁ ହେ ।

ଉ: ବୋଉ ।। ଦେଖୁଚ, ଉମି ମୋର ଏମିତି କାଇଁକି ହଉଚି ?

ସଦେଇ ।। ମାଷ୍ଟ୍ରେ, ଦନେଇ, ଦେଖିଲ ମା ମୋର ଏମିତି ବେକ ମୋଡ଼ି ଦେଲା କାଇଁକି ?

ଶିକ୍ଷକ ।। (ଅଶ୍ରୁରୁଦ୍ଧ କଣ୍ଠରେ) ଉମି ଚାଲିଗଲା- ସଦେଇ ! (ଉମିବୋଉ ସଦେଇ କାନ୍ଦି ଉଠିଲେ)

ସଦେଇ ।। ଚାଲିଗଲା ? ମା ମୋର ଭଲ ପାଣି ମନ୍ଦାଏ ପିଇବାକୁ ନପାଇ ଚାଲିଗଲା ? କୋଇଲି ମୋର ଉଡ଼ିଗଲା ? ଆଉ କିଏ ଗୀତ ବୋଲିବ ? (ହାହାକାର କରି ଉଠିଲା)

(ଗୋଟିଏ ଉଚ୍ଚପ୍ରାଥମିକ ବିଦ୍ୟାଳୟର ସର୍ବୋଚ୍ଚ ଶ୍ରେଣୀ ପ୍ରକୋଷ୍ଠ । ଅନ୍ତରାଳରୁ ଶୁଣାଯାଉଛି ପ୍ରାର୍ଥନା 'ଆହେ ଦୟାମୟ ବିଶ୍ୱ ବିହାରୀ' ର ଶେଷ ପଦ 'ମୋତେ ଏତିକି ଶିଖାଅ ସାଇଁ ହେ ମୋର ଧନ ଜନ ଲୋଡ଼ା ନାହିଁ ହେ' । ପ୍ରାର୍ଥନା ସରିବା ପରେ ଜଣକପରେ ଜଣେ ଛାତ୍ରଛାତ୍ରୀ ପ୍ରବେଶ କରି ନିଜ ନିଜ ଆସନରେ ବସିଲେ । ସେମାନେ ତଳେ ଚଟାଇ ଉପରେ ବସି ପାରନ୍ତି । ପିଲାମାନଙ୍କର ବୟସ ୮ରୁ ୧୦ ବର୍ଷ ଭିତରେ ।) ଶିକ୍ଷକ ଇଂଗିତରେ ସେମାନଙ୍କୁ ବସିବା ପାଇଁ କହି ଆପେ ବସି ଆରମ୍ଭ କଲେ)

ଶିକ୍ଷକ ।। ରୋଲ୍ ନମ୍ବର -୧

ଛାତ୍ର ।। ପ୍ରେଜେଣ୍ଟ ସାର୍ ।

Digitized by srujanika@gmail.com

ଛାତ୍ର ।। ପ୍ରେଜେଣ୍ଟ ସାର୍ (ହଠାତ୍ ଜଣେ ଛାତ୍ର ପାଟି କରି ଉଠିଲା) - ଦେଖନ୍ତୁ ସାର୍, ମତେ ଦଉନାଇଁ..

ଶିକ୍ଷକ ।। ଏଇ, ଚୁପ୍ କର କହୁଚି । ଉମେଶ...

ଉମେଶ ।। (କାନ୍ଦି) ମୋର ନେଇଗଲା ?

ଶିକ୍ଷକ ।। କିରେ କିଏ ନେଇଗଲା ?

ଉମେଶ ।। (କାନ୍ଦି) ନେ-ଇ-ଗଲା.. ଏଇ କାଶିଆ..

ଶିକ୍ଷକ ।। କଣ ନେଇଗଲା ?

ଉମେଶ ।। ସବୁଯାକ ନେଇଗଲା..

ଶିକ୍ଷକ ।। ଫେର୍ ପାଟି କରୁଚି ! ପଚାରୁଚି ପରା କ'ଣ ନେଇଗଲା ? କାଶିଆ..

କାଶି ।। ଆ- ଗିଁ - ଆ...

ଶିକ୍ଷକ ।। କିରେ ତା'ର କ'ଣ ନେଇଚୁ ?

କାଶି ।। ନେଇ ନାଇଁ ସାର୍...

ଶିକ୍ଷକ ।। ଚୋ-ଓ-ପ୍ ନେଇନୁ, ଆଉ କ'ଣ ସିଏ ମିଛରେ କହୁଚି !

ଉମେଶ ।। ସ-ବୁ-ନେ-ଇଁ ଗିଁଲା- (କାନ୍ଦୁଥାଏ)

ଶିକ୍ଷକ ।। ତୁ ଚୁପ୍ କରିବୁ ନା - ମୁଁ ଉଠିବି ?

Digitized by srujanika@gmail.com

(ଉମେଶ ସୁଁ ସୁଁ ହେଉଥାଏ) କାଶିଆ - ଭଲ ଗତି ଅଛି ତ, କହ, କଣ ନେଇଚୁ ?

କାଶି ।। (ଡରି ଡରି) ଖାଇ ଦେଇଛି ସାର୍....

ଶିକ୍ଷକ ।। (ଆଶ୍ଚର୍ଯ୍ୟ) ଖାଇ ଦେଇଚୁ, କିରେ କ'ଣ ଖାଇ ଦେଇଚୁ ?

କାଶି ।। (କାନ୍ଦି ଉଠି) ଆମ୍ବସଢ଼ା ସାର୍...

ଶିକ୍ଷକ ।। ଦେଖ୍, ଯାଙ୍କ କଥାକୁ ! ମୁଁ ଏଠି ପାଠ ପଢ଼େଇ ବି ନା କେସ୍ ବିଚାର କରିବ ! କିରେ ଉମେଶ, ତୁ ଆମ୍ବସଢ଼ା କୋଉଠୁ ଆଣିଲୁ ?

ହାଡ଼ିବନ୍ଧୁ ।। ସାର୍, ଉମେଶ ତାଙ୍କ ଘରୁ ନୁଚେଇ କରି ଆଣିଥିଲା...

ଶିକ୍ଷକ ।। ହୁଁ, ଚୋରି କରା ହଉଚି, ନାଇଁ ? ଏଇ ପାଠ ପଢୁଚ ସବୁ ! ହଉ, ହଉ, ତୁ ତ ଆଣିଥିଲୁ । ତାକୁ ଦେଲୁ । ସିଏ ଖାଇଲା - କଥା ସଇଲା ।

ହାଡ଼ି ।। ସିଏ କ'ଣ ଦେଇଚି କି ସାର୍ ? ବସ୍ତାନି ରଖି ଉମେଶ ଏକ କରିବାକୁ ଯାଇଥେଲା । କାଶିଆ କୋଉ ଛଟକରେ ଆମ୍ବସଢ଼ା ବାହାର କରି ନେଇ ଚଳୁ କରି ଦେଇଚି । ମୁଁ ପଶି ଆସିଲା ବେଳକୁ ..

ଶିକ୍ଷକ ।। ଓ ତୁ ତେବେ ଦେଖିଲୁ ?

ହାଡ଼ି ।। ଦେଖିଲି ପରା ସାରେ । ବାସନାରେ ଘର ଫାଟି ପଡୁଥାଏ । ମୋ ପାଟିରୁ ପରାନାଳ ବୋହି ପଡ଼ିଲା...

ଶିକ୍ଷକ ।। କାଶିଆ, ଖାଇଚୁ ?

Digitized by srujanika@gmail.com

କାଶି ।। (ଡରି ଡରି) ହଁ ଅଁ..

ହାଡ଼ି ।। ଯେତେ ମାଗିଲି, ମତେ କ'ଣ ଟିକିଏ ଦେଲା ?

ଶିକ୍ଷକ ।। ତୁ ସେଇଠୁ ଉମେଶ ଆଗରେ କହିଦେଲୁ, ନା' କ'ଣ ? (ଉମେଶ ଆଉ କାଶି କାନ୍ଦୁ ଥାଆନ୍ତି) ଶୁଣ ପିଲାଏ, ନ କହି କାହାରି ଚିଜ ନେଇଯିବା ଭାରି ଖରାପ କଥା କେବେ ସେମିତି କରିବ ନାହିଁ । ଉମେଶ ଯଦି କାଶିଆକୁ ଆମ୍ବସଢ଼ା ଟିକିଏ ଦେଇଥାଆନ୍ତା, ତେବେ ସିଏ ଲୁଚେଇ ନେଇ ନଥାନ୍ତା...

ଉମେଶ ।। ସାର୍, କାଶିଆ ଚୋରି କରିଚି...

ଶିକ୍ଷକ ।। ତୁ ତ ମୋଟେ ଚୋରି କରନୁ - ତତେ ଆମ୍ବସଢ଼ା କିଏ ଦେଲା ?

ଉମେଶ ।। ମୁଁ ତ ଘରୁ..

ଶିକ୍ଷକ ।। ନକହି ଆଣିଚୁ । ସିଏ ବି ଗୋଟାଏ ପ୍ରକାରର ଚୋରି । କାଳିଆ କି ତୁ କେହି ଭଲ କାମ କରି ନାହିଁ - ଆଉ ଏମିତି କରିବ ନାହିଁ (ରହି) ସିଏ ତ ଖାଇ ସାରିଲାଣି । ଏଇଥର ତାକୁ ଛାଡ଼ିଦେ, ବସ ସମସ୍ତେ (ରୋଲ୍ ନମ୍ବର ଡାକି)

ହଁ- ରୋଲ୍ ତିନି (କେହି ଜବାବ୍ ଦେଲେ ନାହିଁ । ଆଉ ଥରେ ଡାକି ଅନାଇଲେ । ଗୋଟିଏ ଖାଲି ଜାଗା ଉପରେ ତାଙ୍କର ଆଖି ସ୍ଥିର ହୋଇଗଲା । ତାଙ୍କ କଣ୍ଠରୁ ଦୀର୍ଘଶ୍ୱାସ ବାହାରିଗଲା ।)

ଓଃ ।

Digitized by srujanika@gmail.com

ସତ୍ୟବତୀ ।। ସାର୍, ଉର୍ମିଳା (କାନ୍ଦିଲା) । ଆଉ କିଛି ପିଲା ତା ସହିତ ଯୋଗ ଦେଲେ ।)

ଶିକ୍ଷକ ।। (ଆଖି ପୋଛି) ଜାଣେ, ସେ ଆସି ନାହିଁ । ଆଉ ଆସିବ ନାହିଁ । ସିଏ ଭଗବାନଙ୍କ ପାଖକୁ ଚାଲିଗଲା ।

ମୀରା ।। ଭଗବାନ୍‌ଙ୍କ ପାଖକୁ ? କାଇଁକି ସାର୍ ?

ଶିକ୍ଷକ ।। ଭଗବାନ୍ ଯାହାକୁ ବେଶୀ ଭଲ ପାଆନ୍ତି, ତାକୁ ଆଗ ଡାକି ନିଅନ୍ତି ।

ଗୋପାଳ ।।ଜମି ଭଳି ପିଲା ଆଉ ମିଳିବେ ନାହିଁ ।

ଶିକ୍ଷକ ।। ମନ୍ଦାଏ ପାଣି - ପୋଖରୀର ସେଇ ମଇଳା ପାଣି ପିଇବାକୁ ଉମିତ ମନା କଲା । ବିଚରା ତା ବୋଉ, ସିଏ ଏବେ ପାଣି କଥା କୋଉ ଜାଣିଚି ? ପିଆଇ ଦେଲା - ବାସ୍ - ଆରମ୍ଭ ହେଲା ଝାଡ଼ା ।

ସତ୍ୟ ।। ଝାଡ଼ା ? ଦାଦା କହୁଥିଲେ ତାକ କୁଆଡ଼େ କଲରା ହେଇଥେଲା ।

ଶିକ୍ଷକ ।। ନାରେ ମା, କଲେରା ନୁହଁ, ଡାଇରିଆ, ମାନେ ସେଇ ଝାଡ଼ା, ଦନେଇ ଦାସ କହିଲା । ବାଡ଼ିଠାକୁରାଣୀ ବିଜେ କରିଛନ୍ତି । ପଣାପାଣି ଦିଅ । କାଳିସୀ ଲଗାଅ ।

କାଶୀ ।। ମୁଁ ପରା ଦେଖିଚି- ଢୋଲ ମହୁରୀ ବାଜୁଥାଏ । କାଳିସୀ ଫକ୍‌ଫକ୍ ଡେଉଁଥାଏ ।

ଶିକ୍ଷକ ।। ତେଣେ ଠାକୁରାଣୀ ମାଜଣା ହେଉଥାଏ, ଏଣେ ଉମି ମୁଣ୍ଡ ଗଡ଼ୋଉ ଥାଏ । ଆହା ଚଣ୍ଡାଳେ ମତେ ଯଦି ଟିକିଏ, ଲୁଣ ମୁଠାଏ ଦେଇଥାଆନ୍ତେ-

Digitized by srujanika@gmail.com

ସତ୍ୟ ।। ଚିନି ଲୁଣ କଣ କରିଥାଆନ୍ତେ ସାର୍ ?

ଶିକ୍ଷକ ।। ଚିନିଟିକିଏ ଲୁଣ ଚିମୁଟାଏ ପାଇଁ ସେଦିନ ମୁଁ କେତେ ନେହୁରା ହେଇଚି ! ହାତ ଓଠ ଧରିଚି- କେହି ମୋ କଥାରେ କାନ ଦେଲେ ନାଇଁ.. ଦେଇଥିଲେ ହୁଏତ ମୁଁ ଉମିକୁ ବଂଚେଇ ପାରିଥାଆନ୍ତି ।

ସତ୍ୟବତୀ ।। ଚିମୁଟାଏ ଲୁଣ, ଆଉ ଚିନିଟିକିଏରେ ଆପଣ ଉମିକୁ ବଂଚେଇ ଦେଇ- ଥାଆନ୍ତେ ସାର୍ ?

ଶିକ୍ଷକ ।। ହଁରେ ମା, କେତେ ସାମାନ୍ୟ ଜିନିଷ, ହେଲେ ଏଇ ରୋଗପାଇଁ ତା' ଭଳି ଅମୃତ ମହୌଷଧ ଆଉ ନାହିଁ ।

କାଶି ।। କେମିତି ସାର୍ ? ଆମକୁ ଟିକିଏ ବୁଝେଇ ଦିଅନ୍ତୁ ।

ଶିକ୍ଷକ ।। ଏଇ ଛୋଟ କଥାଟିକୁ ତମମାନଙ୍କୁ ଆଗରୁ ନ ଜଣାଇ ମୁଁ ମହାଭୁଲ୍ କରିଚି, ମୋ ଆଖି ଆଗରେ ଅକାଳରେ ଗୋଟାଏ ମହାନ୍ ଜୀବନ ଝଡ଼ିପଡ଼ିଲା । ମୁଁ ସବୁ ଦେଖିଲି, କିଛି କରିପାରିଲି ନାହିଁ ।

ଉମେଶ ।। ନାଇଁ ସାର୍, ଆପଣ କହନ୍ତୁ...

ଶିକ୍ଷକ ।। କଥା କ'ଣ କି ପିଲାଏ, ତରଳ ଝାଡ଼ା ଆଉ ବାନ୍ତିରେ ଦେହରୁ ପାଣି ଅଂଶ ବାହାରି ଚାଲିଯାଏ । ସେଇଥି ପାଇଁ ରୋଗୀକୁ ଯଥେଷ୍ଟ ପାଣି ପିଇବାକୁ ଦେବା ଉଚିତ ।

କାଶି ।। କ'ଣ ଖାଲି ପାଣି ?

ଶିକ୍ଷକ ।। ଖାଲି ପାଣି ତ ବହୁତ ପିଆଇବା କଥା । ତା' ସାଙ୍ଗରେ ଗରମ ପାଣିକୁ

Digitized by srujanika@gmail.com

ଥଣ୍ଡାକରି, ସେଥିରେ ବଡ଼ ଗିଲାସେ ପାଣିରେ ତିନିଚାମୁଚା ଲୁଣ ସାଙ୍ଗକୁ ଚାମୁଚେ ଚିନି ମିଶାଇ, ତାକୁ ଥରକୁ ଥର ପିଆଇବା ଉଚିତ। ମନେ ରଖିବ, ଏ ସର୍ବତକୁ ପିତଳ କି ଆଲୁମିନିୟମ (ସିଲଭର୍) ବାସନରେ ଜମା ରଖିବ ନାଇଁ।

ଉମେଶ ।। ଏତିକିରେ ଭଲ ହୋଇଯିବ ?

ଶିକ୍ଷକ ।। ନିଶ୍ଚୟ ଭଲ ହୋଇଯିବ। ଦିହରୁ ଯେତିକି ପାଣି ବାହାରି ଯାଇଚି, ସେତିକି ପାଣି ବାହାରୁ ଯୋଗାଇ ଦେଲେ, ଅନ୍ତତଃ ଡାକ୍ତର ଆସିବା ପର୍ଯ୍ୟନ୍ତ ରୋଗୀର ଅବସ୍ଥା ଖରାପ ହେବ ନାହିଁ।

ସତ୍ୟ ।। ଉମି ତା ହେଲେ ...

ଶିକ୍ଷକ ।। ବେଳ ଥାଉଁ ଥାଉଁ ଏଇ ଓଷଦ ମୁନ୍ଦାକ ପେଟରେ ପଡ଼ିଥିଲେ, ସେ ନିଶ୍ଚୟ ବଂଚି ଥାଆନ୍ତା - ଛାଡ଼ - ତମେମାନେ ସମସ୍ତେ ମୋର ଏଇ ଛୋଟକଥାକୁ ନିଶ୍ଚୟ ମନେ ରଖିବ। ବାପା ମା, ଭଉଣୀ ଭାଇ ସମସ୍ତଙ୍କୁ କହିବ।

ସମସ୍ତେ ।। କହିବୁଁ ସାର୍, ନିଶ୍ଚୟ କହିବୁଁ।

ଶିକ୍ଷକ ।। ଉମି ଆମକୁ ଯୋଉ ଶିକ୍ଷା ଦେଇ ଯାଇଛି, ଆମେ ଯଦି ଏତିକି କରିପାରୁ, ତା'ହେଲେ ସେ ନିଶ୍ଚୟ ଶାନ୍ତି ପାଇବ।

ସମସ୍ତେ ।। ହଁ ସାର୍।

ଶିକ୍ଷକ ।। ଆଜି ତା' ହେଲେ ଏତିକି ଆଉ । ଏଥର ଯିବା।

Digitized by srujanika@gmail.com

ସମସ୍ତେ ।। ସାର୍, ନମସ୍କାର ।

ଗାୟକ/ବାୟକ :

ଶୁଣ ଶୁଣ ସଭାଜନେ ମନକର୍ଣ୍ଣ ଦେଇ,
ଚିନି, ଲୁଣ କଥା ଏବେ କହୁଚୁ ବୁଝାଇ ।
ଝାଡ଼ା ହେଲେ ଭାଇ ମୋର ନୋହି ହରବର,
ଫୁଟାପାଣି ଗିଲାସଟେ ଆଗ ସଜକର ।
ମିଶାଅ ତହିଁରେ ତିନି ଚିମୁଟା ଯେ ଲୁଣ,
ଗୋଳାଅ ସେଥିରେ ଚିନି ଚାମୁଚାଏ ପୁଣ ।
ଥର ଥର କରି ତାକୁ ରୋଗୀକୁ ପିଆଅ,
ରୋଗ ଭଲ ହେବ ଏହି କଥା ଜାଣିଥାଅ ।
ହରି ହରି ବୋଲ ଏବେ କଥା ହେଲା ଶେଷ,
ହୁଳହୁଳି ଦିଅ ମାଏ ମନେ ହୋଇ ତୋଷ ।
ନେଉଚୁ ମେଲାଣି ଏବେ ଯିବୁ ଯେଝା ଘର,
ତୁମ୍ଭଙ୍କୁ ରକ୍ଷା କରିବେ ବଡ଼ ଯେ ଠାକୁର ।
(ହରିବୋଲ, ହୁଳହୁଳି ଧ୍ୱନିରେ ନାଟକ ଶେଷ ହେଲା)

ହାରାମଣି ନିବାସ

ଦେଉଳ ସାହି

କଟକ - ୮

ଫୋନ୍ - ୬୦୦୪୪୬

Digitized by srujanika@gmail.com